ପ୍ରେସ୍ ନୋଟ୍

## ଆଜି ଅନୁଗୋଳ ଜିଲ୍ଲାରୁ ୫୨ ଜଣ କରୋନା ପଜିଟିଭ ଚିହ୍ନଟ -

### ପଜିଟିଭ ସଂଖ୍ୟା ୧୦୭୪୩ ରେ ପହଞ୍ଚିଲା - ସୁସ୍ଥ ହେଲେ ୪୪ ଜଣ ।

ଅନୁଗୋଳ, ତା,୨୬.୧୧:- ଆଜି ଅନୁଗୋଳ ଜିଲ୍ଲାରୁ ୫୨ ଜଣ ନୂଆ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ଅନ୍ୟ ଜିଲ୍ଲାରୁ ଅନୁଗୋଳରେ ସ୍ୱାବ ନମୁନା ଦେଇଥିବା ବ୍ୟକ୍ତିମାନଂକ ମଧ୍ୟରୁ ୨ ଜଣ ଆକ୍ରାନ୍ତ ଚିହ୍ନଟ ହୋଇ ସମୁଦାୟ୍ ଆକ୍ରାନ୍ତଂକ ସଂଖ୍ୟା ୧୮୭ ରେ ପହଂଚିଛି । ଅନୁଗୋଳ ଜିଲ୍ଲା ମଧ୍ୟରୁ ଚିହ୍ନଟ ହୋଇଥିବା ଆକ୍ରାନ୍ତମାନଂକ ମଧ୍ୟରେ ବଣ୍ଡଁରପାଳ ବ୍ଲକ୍ ଅଂଚଳରୁ ସର୍ବାଧିକ ୨୨ ଜଣ (୧୫ଜଣ ପୁରୁଷ ଓ ୭ଜଣ ମହିଳା), ତାଳଚେର ବ୍ଲକ୍ ଅଂଚଳରୁ ୧୦ଜଣ ( ୬ଜଣ ପୁରୁଷ ଓ ୪ଜଣ ମହିଳା), କଣିହାଁ ବ୍ଲକ୍ ଅଂଚଳରୁ ୯ଜଣ (୮ ଜଣ ପୁରୁଷ ଓ୧ ଜଣ ମହିଳା), ଅନୁଗୋଳ ପୌରାଞ୍ଚଳରୁ ୪ଜଣ ( ୨ଜଣ ପୁରୁଷ ଓ ୨ଜଣ ମହିଳା), ଅନୁଗୋଳ ବ୍ଲକ୍ ଅଂଚଳରୁ ୩ଜଣ ( ୨ଜଣ ପୁରୁଷ ଓ ୧ଜଣ ମହିଳା), ପାଲଲହଡା ବ୍ଲକ୍ ଅଂଚଳରୁ ୩ଜଣ ( ୩ ଜଣ ମହିଳା) ଓ ଛେଣ୍ଡିପଦା ବ୍ଲକ୍ ଅଂଚଳରୁ ୧ଜଣ ( ୧ଜଣ ପୁରୁଷ ) ଅଛନ୍ତି । ସମସ୍ତେ ଅନ୍ୟ ଆକ୍ରାନ୍ତଂକ ସଂସ୍ପର୍ଶରେ ଆସି ପଜିଟିଭ ହୋଇଥିବାର ଜଣାପଡିଛି । ଆଜି ତାଳଚେର ପୌରାଞ୍ଚଳ, କିଶୋରନଗର ବ୍ଲକ, ଆଠମଲ୍ଲିକ ବ୍ଲକ ଓ ଆଠମଲ୍ଲିକ ବିଜ୍ଞାପିତ ଅଂଚଳ ପରିଷଦ ପ୍ରଭୃତି ୪ଟି ଅଂଚଳରୁ କୌଣସି ପଜିଟିଭ ଚିହ୍ନଟ ହୋଇନାହାନ୍ତି । ଚିହ୍ନଟ ହୋଇଥିବା ସମସ୍ତ ଲକ୍ଷଣଯୁକ୍ତ ଆକ୍ରାନ୍ତମାନଂକୁ କୋଭିଡ ହସପିଟାଲକୁ ଚିକିତ୍ସା ନିମନ୍ତେ ସ୍ଥାନାନ୍ତର କରାଯାଉଥିବା ବେଳେ ସ୍ୱଳ୍ପ ଲକ୍ଷଣଯୁକ୍ତ ଓ ଲକ୍ଷଣ ବିହିନ ଆକ୍ରାନ୍ତମାନଂକୁ ନିଜ ଘରେ Isolation ରେ ରଖାଯାଇ ନିରିକ୍ଷଣ କରାଯାଉଛି ବୋଲି ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରକାଶ କରିଛନ୍ତି । ଆଜି ଅନୁଗୋଳ ଜିଲ୍ଲାରୁ ୪୪ଜଣ ସୁସ୍ଥ ହୋଇଛନ୍ତି । ସେମାନଂକ ମଧ୍ୟରେ ୩ଜଣ କୋଭିଡ ହସପିଟାଲରୁ ଓ ୪୧ଜଣ ହୋମ Isolation ରୁ ସୁସ୍ଥ ହୋଇଛନ୍ତି ।

**ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।**

ଜ୍ଞାପକ ସଂଖ୍ୟା. ୭୬୭ ତା.୨୬.୧୧.୨୦୨୦ ।

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରା। ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ